بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୯ ଅପ୍ରେଲ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

ଓ୍ୱହଦ୍ ଯୁଦ୍ଧ ଓ ହମ୍‌ରାଉଲ୍ ଅସଦ୍ ଯୁଦ୍ଧ ପ୍ରସଙ୍ଗରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଜୀବନୀର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା ଏବଂ ମଧ୍ୟପୂର୍ବ ଦେଶମାନଙ୍କରେ ଅତି ଶୋଚନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି (ବିଶେଷ) ଦୁଆ କରିବାର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଓ୍ୱହଦ୍ ଯୁଦ୍ଧର ଘଟଣାବଳୀ ପ୍ରସଙ୍ଗରେ ଆଉ କିଛି ଅଧିକ ଘଟଣା ଉପସ୍ଥାପନ କରୁଅଛି, ଯେଉଁଥିରୁ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଜୀବନୀର ଅତି ସୁନ୍ଦର ଓ ଚିତ୍ତାକର୍ଷକ ସ୍ୱଭାବ ପ୍ରତିପାଦିତ ହେଉଅଛି । ହଜରତ ଜାବିର୍ ବିନ୍ ଅବଦୁଲ୍ଲାଃର.ଅ ବର୍ଣ୍ଣନା କରନ୍ତି, ଯେତେବେଳେ ତାଙ୍କ ପିତା ହଜରତ ଜାବିର୍ ବିନ୍ ଉମ୍‌ରୋ ର.ଅଙ୍କର ପରଲୋକ ହେଲା ସେତେବେଳେ ତାଙ୍କ ଉପରେ କିଛି କରଜ ପରିଶୋଧ କରିବା ବାକିରହି ଯାଇଥିଲା । ଅତଏବ ସେ ହୁଜୁର ସ.ଅଙ୍କ ସେବାରେ ନିବେଦନ କଲେ କି ହୁଜୁର ଉକ୍ତ ଋଣଦାତାଙ୍କୁ ବୁଝାନ୍ତୁ ଯେ, ସେମାନେ ମୋ ପିତାଙ୍କୁ ପ୍ରଦତ୍ତ କରଜରେ କିଛି କୋହଳ କରିଦିଅନ୍ତୁ । ବସ୍ତୁତଃ ହୁଜୁରସ.ଅ ସେମାନଙ୍କ ନିକଟରେ ଏହି ପ୍ରସ୍ତାବ ରଖିଲେ କିନ୍ତୁ ସେମାନେ ଉକ୍ତ କରଜରେ କୌଣସି ହ୍ରାସ କଲେ ନାହିଁ । ସେତେବେଳେ ହୁଜୁରସ.ଅ ମୋତେ ନିର୍ଦ୍ଦେଶ ଦେଲେ ଯାଅ ଏବଂ ନିଜ ଖଜୁରୀ ବଗିଚାର ଖଜୁରୀକୁ ପୃଥକ କରିବା ଅନ୍ତେ ମୋତେ ସୂଚିତ (ଖବର) କରିବ । ଅତଏବ ମୁଁ ସେହିପରି କରିବା ପରେ ନିଜ ପ୍ରିୟ ମୁନିବଙ୍କୁ ସୂଚିତ କଲି । ଖବର ପାଇ ହୁଜୁରସ.ଅ (ଆମ ବଗିଚା ଆଡ଼କୁ) ପ୍ରସ୍ଥାନ କଲେ ଏବଂ ଜମା ହୋଇଥିବା ଖଜୁରୀ କୋଳି ମଝିରେ ହୁଜୁରସ.ଅ ବସି ପଡ଼ିଲେ ଏବଂ କହିଲେ; ସେହି ଋଣଦାତାଙ୍କୁ ତାଙ୍କର (ପ୍ରାପ୍ୟ) ଓଜନ କରି ପ୍ରଦାନ କର । ମୁଁ ଆଦେଶର ପାଳନ କଲି, ଏପରିକି ଯାହା ସେମାନଙ୍କର ପ୍ରାପ୍ୟ ଥିଲା ତାହା ସେମାନେ ହାସଲ କରିନେବା ପରେ ମୋ ନିକଟରେ ଆହୁରି ଖଜୁରୀ କୋଳି ବଞ୍ଚି ରହିଲା । ଆଉ ଏପରି ପ୍ରତୀତ ହେଉଥିଲା ଯେମିତି କି ସେଥିରେ କିଞ୍ଚିତ ମଧ୍ୟ ହ୍ରାସ ଘଟି ନାହିଁ ।

ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କର ବୃଦ୍ଧ ଓ ଦୁର୍ବଳ ମାତା ପୈଗମ୍ବର ମୁହମ୍ମଦ ମୁସ୍ତଫା ସ.ଅଙ୍କୁ (ଅତ୍ୟଧିକ) ଆଦର ସମ୍ମାନ କରିବା ଯୋଗୁଁ (ଭାବବିହୋଳ ହୋଇ) ମଦିନା ବାହାରକୁ ଚାଲି ଆସିଲେ, ଯେଉଁ ଘଟଣାର ବ୍ୟାଖ୍ୟା (ମୁଁ) ଗତ ଖୁତବାରେ ବର୍ଣ୍ଣନା କରିସାରିଛି କି ତାଙ୍କୁ ଦେଖି ହୁଜୁରସ.ଅ ନିଜ ବାହାନକୁ ଅଟକାଇ ଦେଲେ ଏବଂ ତାଙ୍କ ପୁତ୍ରର ଶହିଦ୍ ହେବାର ଶୋକ ବ୍ୟକ୍ତ କଲେ, ଏହି ଘଟଣା ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦର.ଅ କୁହନ୍ତି; ଏହି ଘଟଣାମାନ ଉପରେ ଅନୁଧ୍ୟାନ କର ଏବଂ ଦେଖ ହଜରତ ମୁହମ୍ମଦସ.ଅ ଅନ୍ୟର ହୃଦୟକୁ କଷ୍ଟ ଓ ଆଘାତ ଲାଗିବା ପ୍ରତି ତଥା ତାହା ସହିତ ସହାନୁଭୂତି ପ୍ରଦର୍ଶନ କରିବା ପ୍ରତି କେତେ ଧ୍ୟାନ ରଖୁଥିଲେ ଅର୍ଥାତ ସତର୍କତା ଅବଲମ୍ବନ କରୁଥିଲେ । ସେଥିଅନ୍ତେ ଆପଣ ଉକ୍ତ ବୃଦ୍ଧ ମହିଳାକୁ କହିଲେ; ତୁମେ ମଧ୍ୟ ଆନନ୍ଦିତ ହୋଇଯାଅ ଏବଂ ଅନ୍ୟ ସମସ୍ତ ଭଉଣୀମାନଙ୍କୁ ଯେଉଁମାନଙ୍କ ପରିଜନ ଯୁଦ୍ଧରେ ଶହିଦ୍ ହୋଇଛନ୍ତି, ସୁସମାଚାର ପ୍ରଦାନ କରିଦିଅ କି ଆଜି ଆମର ଯେତେ ସଂଖ୍ୟାରେ ମୁସଲମାନ ଶହିଦ୍ ହୋଇଛନ୍ତି ଅଲ୍ଲାଃତାଲା ସେ

ସମସ୍ତଙ୍କୁ ବୈକୁଣ୍ଠରେ ଏକତ୍ର ରଖିଛନ୍ତି । **ଆଉ ସେ ସମସ୍ତେ ପ୍ରଭୁଙ୍କ ଛାମୁରେ ଏହି ବିନୀତ ଗୁହାରୀ କରିଛନ୍ତି କି ଆମ ପରିଜନମାନଙ୍କର ସାହା ହୁଅ ।** ସେଥିଅନ୍ତେ ସ୍ୱୟଂ ନବୀଶ୍ରେଷ୍ଠ ମଧ୍ୟ ଦୁଆ କଲେ ହେ ପ୍ରଭୁ ! ଓ୍ୱହଦ୍ ଯୁଦ୍ଧର ଶହିଦ୍‌ମାନଙ୍କ ପରିଜନମାନଙ୍କ ସକାଶେ ଉତ୍ତମ ତତ୍ତ୍ୱାବଧାରକ ଉତ୍ପନ୍ନ କରିଦିଅ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଏଥିରୁ ଜ୍ଞାତ ହେଉଛି ହୁଜୁର[ସ.ଅ] (ରଣକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରି) ମଦିନାରେ ପ୍ରବେଶ କରିବା ପୂର୍ବରୁ ଓ୍ୱହଦ୍‌ର ଶହିଦ୍‌ମାନଙ୍କ ପରିଜନମାନଙ୍କୁ ଆଶ୍ୱାସନା ଦେବା ଓ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥିଲେ । ଏହା ସତ୍ତ୍ୱେ କି ଆପଣ [ସ.ଅ]ଙ୍କର ଅବସ୍ଥା ସାମାନ୍ୟ ନଥିଲା ବରଂ ଆପଣ [ସ.ଅ]ଙ୍କୁ ବହୁତ ଆଘାତ ଲାଗିଥିଲା । ପୁଣି ଆପଣ [ସ.ଅ]ଙ୍କ ନିକଟ ସମ୍ପର୍କୀୟ ଓ ଅତି ପ୍ରିୟ ସାଥିମାନେ ମଧ୍ୟ ଶହିଦ୍ ହୋଇ ଯାଇଥିଲେ । ତଥାପି ଆପଣ ମଦିନାବାସୀଙ୍କ ସହିତ ପାଦରେ ପାଦ ମିସାଇ ଅର୍ଥାତ ସେମାନଙ୍କ ସହିତ ସାକ୍ଷାତ କରି ସମବେଦନା ପ୍ରକଟ କରିଥିଲେ ଏବଂ ନିଜ ଯନ୍ତ୍ରଣା ଓ ବ୍ୟଥା ପ୍ରତି ତିଳେ ମାତ୍ର ଧ୍ୟାନ ଦେଇ ନଥିଲେ । ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପରି ଆକାଶ ଓ ପାତାଳରେ ଅନ୍ୟ କୌଣସି ବ୍ୟକ୍ତି ହୋଇପାରିବ ନାହିଁ ଯେ ଏଭଳି ଅତିଶୟ ଦୁଃଖକଷ୍ଟ ଓ ମହାବିପତ୍ତି ସମୟରେ ଅନ୍ୟ ସହିତ ଏପରି ଅସାଧାରଣ ସହାନୁଭୂତି ପ୍ରଦର୍ଶନ କରିପାରିବ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ସେହି ଯୁଦ୍ଧରେ ଆମେ ଏକଥା ମଧ୍ୟ ଅବଲୋକନ କରିଥାଉ କି ନବୀଶିରୋମଣୀ କିପରି ଅଦମ୍ୟ ପରାକାଷ୍ଠା, ଦାମ୍ଭିକତା ଓ ନିଜ ଅତିଉଚ୍ଚ ନମୁନାର ପ୍ରଦର୍ଶନ କରି ଲୋକମାନଙ୍କ ସହିତ ସମବେଦନା ଜ୍ଞାପନ କରି ତାଙ୍କୁ ଆଶ୍ୱାସନା ଦେଇଥିଲେ । ଉକ୍ତ ଯୁଦ୍ଧର ଉତ୍କଟ ପରିସ୍ଥିତିରୁ ସ୍ପଷ୍ଟ ହେଉଛି କି ପୈଗମ୍ବର ମୁହମ୍ମଦ ମୁସ୍ତଫା[ସ.ଅ] କିଭଳି ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । ସେହି ଯୁଦ୍ଧରେ ଆପଣ [ସ.ଅ]ଙ୍କ ଅସାଧାରଣ ବଳିଦାନ କରିବା ପ୍ରତିପାଦିତ ହେଉଛି । ଯୁଦ୍ଧ ସମାପ୍ତ ହେବା ଅନ୍ତେ ଯେତେବେଳେ ଆପଣ[ସ.ଅ] ମଦିନା ଫେରୁଥିଲେ ସେତେବେଳେ ମଦିନାର ମହିଳାମାନେ ହୁଜୁର [ସ.ଅ]ଙ୍କର ଶହିଦ୍ ହୋଇଯିବାର (ଭିତ୍ତିହୀନ) ଖବର ଶୁଣି ଭୀଷଣ ରୂପେ ବ୍ୟତିବ୍ୟସ୍ତ ହୋଇ ଭାଙ୍ଗି ପଡ଼ିଥିଲେ । ଆଉ ଯେତେବେଳେ ଆପଣ [ସ.ଅ]ଙ୍କର ଆଗମନର ସମ୍ବାଦ ଶୁଣିଲେ ସେମାନେ ହୁଜୁର [ସ.ଅ]ଙ୍କୁ ପାଛୋଟି ନେବା ସକାଶେ ମଦିନା ବାହାରକୁ ଅର୍ଥାତ କିଛି ଦୂରକୁ ଚାଲି ଆସିଲେ । ହୁଜୁର [ସ.ଅ]ଙ୍କର ଜଣେ ସାଳି ହଜରତ ହମ୍‌ନା ଯେ କି ହଜରତ ଜହଶ୍ [ର.ଅ]ଙ୍କର ପୁତ୍ରୀ ଏବଂ ହଜରତ ମୁସେବ୍ ବିନ୍ ଉମେର୍ [ର.ଅ]ଙ୍କର ପତ୍ନୀ ଥିଲେ, ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ ଥିଲେ । ତାଙ୍କୁ ଭେଟିବା ପରେ ହୁଜୁର[ସ.ଅ] ତାଙ୍କୁ ଗୋଟିଏ ପରେ ଗୋଟିଏ ଦୁଃଖଦ ଖବର ଅର୍ଥାତ ହଜରତ ହମ୍‌ଜାଃ[ର.ଅ], ତାଙ୍କ ଭ୍ରାତା ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍ [ର.ଅ]ଙ୍କର ଶହିଦ୍ ହେବା ଖବର ଦେବାରୁ ସେ ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ ପାଠ କଲେ ଏବଂ ସେମାନଙ୍କର ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ପ୍ରାର୍ଥନା କଲେ । କିନ୍ତୁ ନିଜ ସ୍ୱାମୀ ହଜରତ ମୁସେବ୍ ବିନ୍ ଉମେର୍ [ର.ଅ]ଙ୍କର ଶହିଦ୍ ହେବାର ଖବର ଶୁଣିବା ପରେ ତାଙ୍କ ଚକ୍ଷୁରୁ ଅଶ୍ରୁଧାର ଝରି ପଡ଼ିଲା, ଆଉ ସେ ଅଧିର ହୋଇ କହି ଉଠିଲେ; ହାଏରେ ବିଧାତା । ଏହା ଦେଖି ଇସଲାମର ପ୍ରାଣ ପ୍ରତିଷ୍ଠାତା ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଦେଖ ! ନାରୀକୁ ନିଜ ସ୍ୱାମୀ ସହିତ ଏକ ବିଶେଷ ସମ୍ପର୍କ ରହିଥାଏ । ଅଧିକନ୍ତୁ କହିଲେ; ଏପରି ଅବସ୍ଥାରେ ଜଣେ ମହିଳା ନିଜ ନିକଟ ସମ୍ପର୍କୀୟ ଓ ରକ୍ତର ସମ୍ପର୍କୀୟଙ୍କୁ ମଧ୍ୟ ଭୁଲି ଯାଇଥାନ୍ତି କିନ୍ତୁ ତାହାକୁ (ଅଶେଷ) ପ୍ରେମ କରୁଥିବା ସ୍ୱାମୀ ମନେ ରହିଥାଏ । ସେଥିଅନ୍ତେ ଆପଣ[ସ.ଅ] ହଜରତ ହମ୍‌ନା [ର.ଅ]ଙ୍କୁ ପଚାରିଲେ । ତୁମେ ନିଜ ସ୍ୱାମୀଙ୍କ ଶହିଦ୍ ହେବା କଥା ଶୁଣି ଏପରି ଅପ୍ରାସଙ୍ଗିକ ଉକ୍ତି ମୁଖରୁ କାହିଁ ଉଚ୍ଚାରଣ କଲ ? ଏଥିରେ ସେ ଉତ୍ତର ଦେଲେ ହେ ଅଲ୍ଲାଃଙ୍କର ପ୍ରିୟ ରସୁଲ ! ସେତେବେଳେ ମୋତେ ତାଙ୍କର ପୁତ୍ର (ସନ୍ତାନ) କଥା ମନେ ପଡ଼ିଗଲା କି ଏବେ ସେମାନଙ୍କର କିଏ ପାଳନପୋଷଣ କରିବ । ଆପଣ[ସ.ଅ] କହିଲେ; ମୁଁ ଅଲ୍ଲାଃଙ୍କ ନିକଟରେ ଦୁଆ କରିବି ଯେ, ସେ ସେମାନଙ୍କ ପାଇଁ ତୁମ ସ୍ୱାମୀ ଠାରୁ ବଳି ଭଲ ଲାଳନପାଳନକାରୀ ଉତ୍ପନ୍ନ କରିଦେବେ । ବସ୍ତୁତଃ ଏହି ଦୁଆର ପରିଣାମରେ ହଜରତ ହମ୍‌ନା [ର.ଅ]ଙ୍କର ବିବାହ ହଜରତ ତଲ୍‌ହା [ର.ଅ]ଙ୍କ ସହିତ ହୋଇଗଲା ଏବଂ ତାଙ୍କ ଘରେ ମୁହମ୍ମଦ ବିନ୍ ତଲ୍‌ହା ଜନ୍ମ

ହେଲେ । କିନ୍ତୁ ଇତିହାସରେ ଉଲ୍ଲେଖ ରହିଛି, ହଜରତ ତଲ୍‌ହା ନିଜ ପୁତ୍ର ମୁହମ୍ମଦଙ୍କୁ ସେତେ ସ୍ନେହ ଆଦର କରୁ ନଥିଲେ ଯେଭଳି ହଜରତ ହମ୍‌ନା ର.ଅଙ୍କ ପୂର୍ବ ସ୍ୱାମୀଙ୍କ ସନ୍ତାନମାନଙ୍କୁ କରୁଥିଲେ । ଏପରିକି ଲୋକମାନେ ମଧ୍ୟ ସାକ୍ଷ୍ୟ ଦେଉଥିଲେ କି **ତଲ୍‌ହାଙ୍କ ପରି ଅନ୍ୟ କାହାର ସନ୍ତାନମାନଙ୍କୁ ଏତେ ଯତ୍ନ ଓ ସ୍ନେହ ଆଦର କରୁଥିବା ବ୍ୟକ୍ତି କେହି ହେବେ ନାହିଁ ।**

ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି; ଦେଖ ! ଜଣେ ମହିଳାକୁ ପ୍ରେମ କରୁଥିବା ତାହାର ସ୍ୱାମୀ ସହିତ କିଭଳି ପ୍ରଗାଢ଼ ସମ୍ପର୍କ ରହିଛି । ଏଥିରୁ ହଜରତ ମୁହମ୍ମଦ ସ.ଅଙ୍କର ତାତ୍ପର୍ଯ୍ୟ ଏହା ଥିଲା କି ପୁରୁଷମାନଙ୍କୁ ଆବଶ୍ୟକ ଯେ, ସେମାନେ ମହିଳାମାନଙ୍କ ସହିତ ଉତ୍ତମ ଆଚରଣ କରନ୍ତୁ ଏବଂ ସାମାନ୍ୟ ସାମାନ୍ୟ ପ୍ରସଙ୍ଗରେ (ନିଜ ପତ୍ନୀଙ୍କୁ) ମାରଧର କରିବା ଠିକ୍ ନୁହେଁ । ଯେତେବେଳେ କି ସେମାନେ ନିଜ ପରିଜନଙ୍କୁ ଛାଡ଼ି ତୁମ ନିକଟକୁ ଚାଲି ଆସିଲେ ସେତେବେଳେ ନ୍ୟାୟ ଏହିକି ଯେ ତାଙ୍କର ଆଦର ସମ୍ମାନ କରାଯାଉ । ନା କି ଛୋଟ ଛୋଟ କଥାରେ ସେମାନଙ୍କ ସହ କଳହ କରିବା ଆରମ୍ଭ କରିଦିଅ । ମହାମହିମ ହୁଜୁର ଅନଓ୍ୱର ଅ.ବ କହିଲେ; ପ୍ରତ୍ୟେକ କଥାରେ କିଛି ନା କିଛି ଶିକ୍ଷା ଲୁକ୍କାୟିତ (ଗୋପନ) ଥାଏ । ଯଦି ମନୁଷ୍ୟ ତାହାକୁ ଧ୍ୟାନ ପୂର୍ବକ ଶୁଣେ ଓ ତାହାର ବିଶ୍ଳେଷଣ (ମନ୍ଥନ) କରେ ତେବେ ଜ୍ଞାତ ହୋଇଥାଏ ଯେ, ଆମ ପ୍ରିୟ ମୁନିବ ପୈଗମ୍ବର ମୁହମ୍ମଦ ସ.ଅଙ୍କର ହିତବାଣୀ କେବଳ ଜଣେ (ନିର୍ଦ୍ଦିଷ୍ଟ) ବ୍ୟକ୍ତି ପାଇଁ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୁରୁମନ୍ତ୍ର ଅର୍ଥାତ ଉପଦେଶ ।

ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି; ଯେତେବେଳେ ମହାତ୍ମା ମୁହମ୍ମଦ ସ.ଅ ମଦିନାରେ ପ୍ରବେଶ କଲେ ସେତେବେଳେ ସେହି ମହିଳାମାନେ ଯାହାଙ୍କ ପରିଜନ (ଓ୍ୱହଦ୍ ଯୁଦ୍ଧରେ) ଶହିଦ୍ ହୋଇ ଯାଇଥିଲେ ଏବଂ ତାଙ୍କ ନିକଟରେ ସେହି (ହୃଦୟ ବିଦାରକ) ଖବର ପହଞ୍ଚି ଯାଇଥିଲା । ଅତଃ ସେମାନେ ନିଜ ଶହିଦ୍ ପରିଜନଙ୍କ ସକାଶେ ବିଳାପ କରିବା ଆରମ୍ଭ କରି ଦେଇଥିଲେ । ହୁଜୁର ସ.ଅ ଯେତେବେଳେ ଉକ୍ତ ମହିଳାମାନଙ୍କ ରୋଦନ କରିବା ଶବ୍ଦ ଶୁଣିଲେ ସେତେବେଳେ ସେମାନଙ୍କ ବ୍ୟଥାକୁ ହୃଦୟଙ୍ଗମ କରି ଆପଣ ସ.ଅଙ୍କ ଚକ୍ଷୁ ଲୋତକପୂର୍ଣ୍ଣ ହୋଇଗଲା । ଅତଏବ ହୁଜୁର ସ.ଅ କହିଲେ; ଏହି ଯୁଦ୍ଧରେ ଆମ ଚଚା ଓ ରଜାଈ ଭାଇ (ଗୋଟିଏ ନାରୀଙ୍କ ଠାରୁ କ୍ଷୀରପାନ କରିଥିବା) ହଜରତ ହମ୍‌ଯାଃ ର.ଅ ମଧ୍ୟ ଶହିଦ୍ ହୋଇଛନ୍ତି କିନ୍ତୁ କାହିଁ ତାଙ୍କ ପାଇଁ କେହି ହେଲେ ତ ବିଳାପ କରୁ ନାହାନ୍ତି ? ଏକଥା ଶୁଣିବା ପରେ ସାହାବା ଯେ କି ହୁଜୁର ସ.ଅଙ୍କ ପ୍ରତି ପ୍ରେମାନୁରାଗ ଓ ଉତ୍ସର୍ଗ ପୂର୍ଣ୍ଣତାରେ ସୀମା ଲଙ୍ଘି ଯାଇଥିଲେ ଅର୍ଥାତ ବ୍ୟାକୁଳ ଥିଲେ ନିଜ ଘରମାନଙ୍କୁ ଦୌଡ଼ି ଯାଇ ନିଜ ମହିଳାମାନଙ୍କୁ କହିଲେ; ଏବେ ନିଜ ପ୍ରିୟଜନଙ୍କ ପାଇଁ ବିଳାପ କରିବା ବନ୍ଦ କର ଏବଂ ନବୀଶ୍ରେଷ୍ଠଙ୍କ ଅଟ୍ଟାଳିକାକୁ ଯାଇ ହଜରତ ହମ୍‌ଯାଃ ର.ଅଙ୍କ ପାଇଁ ବିଳାପ କର । ଇତି ମଧ୍ୟରେ ଯେହେତୁ ହୁଜୁର ସ.ଅ ଅତ୍ୟନ୍ତ କ୍ଳାନ୍ତ ଓ ବ୍ୟଥିତ ଥିବା ଯୋଗୁଁ ଆପଣ ବିଶ୍ରାମ କରିବାକୁ ଚାଲିଗଲେ । ଯେତେବେଳେ ରାତ୍ରିର ଏକ ତୃତୀୟାଂଶ ଅତିବାହିତ ହୋଇଗଲା ଓ ହଜରତ ବିଲାଲ୍ ଆସି ଆପଣ ସ.ଅଙ୍କୁ ଈଶା ନମାଜ ପାଠ କରିବା ନିମନ୍ତେ ଜଗାଇଲେ ସେତେବେଳ ସୁଧା ଉକ୍ତ ମହିଳାମାନେ ହଜରତ ହମ୍‌ଯାଃ ର.ଅଙ୍କ ପାଇଁ ବିଳାପ କରୁଥିଲେ । ହୁଜୁର ସ.ଅ ପଚାରିଲେ ଏସବୁ କ'ଣ ହେଉଛି ? ଉତ୍ତର ମିଳିଲା, ହେ ଅଲ୍ଲାଃଙ୍କ ରସୁଲ ! ମଦିନାର ମହିଳାମାନେ ହଜରତ ହମ୍‌ଯାଃ ର.ଅଙ୍କ ପାଇଁ ବିଳାପ କରୁଛନ୍ତି । ହୁଜୁର ସ.ଅ କହିଲେ; ଅଲ୍ଲାଃତାଲା ମଦିନାର ମହିଳାମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ, ସେମାନେ ମୋ ସହିତ ସହାନୁଭୂତି ପ୍ରଦର୍ଶନ କରିଛନ୍ତି । ପୁନଶ୍ଚ କହିଲେ; ମୋତେ ପୂର୍ବରୁ ହିଁ ଜଣା ଥିଲା ଅନସାର୍‌ମାନଙ୍କୁ ମୋ ସହିତ ଅତ୍ୟଧିକ ପ୍ରେମାନୁରାଗ ରହିଛି । କିନ୍ତୁ ଅଲ୍ଲାଃତାଲା ଏପରି ବିଳାପ କରିବାକୁ ପସନ୍ଦ କରନ୍ତି ନାହିଁ । ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି; ଦେଖ ହୁଜୁର ସ.ଅ ହଜରତ ହମ୍‌ଯାଃ ର.ଅଙ୍କ ଦେହାନ୍ତରେ କେହି ବିଳାପ କରୁ ନଥିବାର ଦୁଃଖ ପ୍ରକାଶ କରିଥିଲେ । ବାସ୍ତବରେ ତାହା ଆପଣ ସ.ଅଙ୍କର କେବଳ ଏକ ଭାବାବେଗ ଥିଲା ଏବଂ ଯେତେବେଳେ ଆପଣ ସେହି ରୋଦନକାରୀ ମହିଳାମାନଙ୍କୁ ବାରଣ କଲେ ସେତେବେଳେ ମଧ୍ୟ ତାହା ଆପଣ ସ.ଅଙ୍କର (ଚିରକାଳ ପାଇଁ) ଏକ ନମୁନା ସ୍ଥାପନ

କରିବା (ଉଦ୍ଦେଶ୍ୟରେ) ଥିଲା । ହୁଜୁର[ସ.ଅ] ସେମାନଙ୍କୁ ଏପରି କରିବାକୁ ବାରଣ କଲେ ଏବଂ କୃତଜ୍ଞତା ମଧ୍ୟ ଜ୍ଞାପନ କଲେ । **ଏହା (ଶିକ୍ଷା ଦେବାର) କିଭଳି ମହାନ, ଶ୍ରେଷ୍ଠ ଓ ସନ୍ତୁଳିତ ଶୈଳୀର ଦିଗଦର୍ଶନ ।** ଯାହାକି ଏଭଳି ଉକ୍ତ ପରିସ୍ଥିତିରେ ଆପଣ ଅବଲମ୍ବନ କରିଥିଲେ ।

ଯେତେବେଳେ ହୁଜୁର[ସ.ଅ] ଘରେ ପ୍ରବେଶ କଲେ ସେତେବେଳେ ନିଜ କନ୍ୟା ହଜରତ ଫାତିମାଙ୍କୁ ଖଣ୍ଡା ବଢ଼ାଇ କହିଲେ; ହେ ମୋର ପ୍ରିୟପୁତ୍ରୀ ! ଏହି ଖଣ୍ଡାରେ ଲାଗିଥିବା ରକ୍ତକୁ ପରିଷ୍କାର କରିଦିଅ । ଅଲ୍ଲାଃଙ୍କ ରାଣ ! ଆଜି ତ ଏହି ଖଣ୍ଡାଟି ନିଜ କର୍ତ୍ତବ୍ୟ ସମ୍ପାଦନ କରି ଦେଇଛି । ସେଥିଅନ୍ତେ ହଜରତ ଅଲୀ[ର.ଅ] ମଧ୍ୟ ତାଙ୍କୁ ନିଜ ଖଣ୍ଡା ବଢ଼ାଇ ଦେଇ ସେହି ସମାନ କଥା କହିଲେ, ଯାହାକି ହୁଜୁର[ସ.ଅ] କହିଥିଲେ । ଏଥିରେ ହୁଜୁର[ସ.ଅ] ଆଉ କିଛି ସାହାବାଙ୍କ ନାମ ନେଇ କହିଲେ; ସେମାନେ ମଧ୍ୟ ଆଜି ନିଜ ବୀରତା ପ୍ରଦର୍ଶନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ବସ୍ତୁତଃ ହୁଜୁର[ସ.ଅ] ଏକଥା ପସନ୍ଦ କଲେ ନାହିଁ ଯେ, **ଆପଣଙ୍କ ଦ୍ୱାରା ଏପରି କୌଣସି ଉକ୍ତି ପ୍ରକାଶ କରନ୍ତୁ ଯଦ୍ୱାରା ଅନ୍ୟ ସାହାବାଙ୍କୁ ଧକ୍କା ଲାଗିବ ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଠାରେ ଓ୍ୱହଦ୍ ଯୁଦ୍ଧର ଘଟଣାବଳୀ ଶେଷ ହେଉଛି । ଆଉ ଏକ ଯୁଦ୍ଧ ଯାହାର ନାମ ହମ୍ରାଉଲ୍ ଅସଦ୍ ରହିଛି, ଯାହାକି ୩ ହିଜ୍‌ରୀର ସଓ୍ୱାଲ୍ ମାସରେ ଘଟିଥିଲା । ବାସ୍ତବରେ ତାହା ଓ୍ୱହଦ୍ ଯୁଦ୍ଧର ଅଂଶବିଶେଷ ଓ ପରିସମାପ୍ତି । ସେଥିରୁ ଯେଉଁ ପରିଣାମ ଉଦ୍ଧୃତ ହୋଇଥିଲା ତାହା ଆଧାରରେ ଏହା ଗଣନା କରାଯାଇଥାଏ କି ଅସଲରେ ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କର ହିଁ ବିଜୟ ହୋଇଥିଲା ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆସନ୍ତାରେ ଏହାର ବିସ୍ତୃତ ବ୍ୟାଖ୍ୟା ବର୍ଣ୍ଣନା କରିବି ଇନ୍‌ଶା ଅଲ୍ଲାଃ । ଦ୍ୱିତୀୟ କଥା ଯାହାକି ମୁଁ ସାଧାରଣତଃ ଦୁଆ ପାଇଁ ଆହ୍ୱାନ ଦେଇଥାଏ, ତାହା (ଦୁଆ କରିବା) ଅବ୍ୟାହତ ରଖିବେ । ଯେପରିକି ଆଶଙ୍କା ଥିଲା ଯେ, ଇରାନ ଇସ୍ରାଇଲ୍ ଉପରେ ଆକ୍ରମଣ କରିଦେବ ତାହା ହିଁ ଘଟିଲା । ଯାହାକି ସମସ୍ତେ ଜାଣନ୍ତି କିନ୍ତୁ ଏତଦ୍ ଦ୍ୱାରା ପରିସ୍ଥିତି ଆହୁରି ସଙ୍ଗିନ ହେବ । ଅଲ୍ଲାଃତାଲା ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ପ୍ରମୁଖମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଯେ କି ବିଶ୍ୱଯୁଦ୍ଧ ହେବାକୁ ପ୍ରସୟ ଦେଉଛନ୍ତି ଏବଂ ସୁଯୋଗ ଉପଲବ୍ଧ କରାଉଛନ୍ତି । ଏଥିସହିତ ମୁସଲମାନ ସମ୍ପ୍ରଦାୟକୁ ମଧ୍ୟ ବୁଝାବଣା ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ କି ସେମାନେ ଏକ ହୋଇ ସଠିକ୍ ରୂପେ ଏମାନଙ୍କର ମୁକାବିଲା କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ବିଗତ ଦିନରେ ଦେହତ୍ୟାଗ କରିଥିବା ଦୁଇଜଣ ମୃତକ ଶ୍ରୀମାନ ମୌ. ଗୁଲାମ ଅହେମଦ ସାହେବ ନସିମ୍ ଆମେରିକା ନିବାସୀ ଏବଂ ଶ୍ରୀମାନ ଏହସାନୁଲ୍ଲା ଜଫର୍ ସାହେବ ପୂର୍ବତନ ଅମିର ଜମାଅତ ଆମେରିକା ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।